# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09 November – 2025

***********************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର; ଆସନ୍ତା ୧୧ ତାରିଖରେ ଭୋଟ୍ ଗ୍ରହଣ, ୧୪ ତାରିଖରେ ପ୍ରକାଶ ପାଇବ ଫଳାଫଳ
- କୃଷି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ
- ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଆସନ୍ତା ଗୁରୁବାର ଏକତା ପଦଯାତ୍ରାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ରାଜ୍ୟରେ ଆସନ୍ତା ତିନି ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ରାତି ତାପମାତ୍ରା

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆଜି ଅପରାହ୍ଣ ୪ଟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଗୋପାଳନ କହିଛନ୍ତି, ପ୍ରଚାର ଶେଷ ହେବା ପରେ ୪୮ ଘଣ୍ଟା ପର୍ଯ୍ୟନ୍ତ ନୀରବ ଅବଧି ଆରମ୍ଭ ହୋଇଛି। ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ସବୁ ବୁଥ୍‌ରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

**- V/O -**

ନୂଆପଡା ବିଧାନସଭା ଆସନ ପାଇଁ ଆସନ୍ତା ୧୧ ତାରିଖ ମଙ୍ଗଳବାର ଦିନ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ । ମାଓବାଦୀ ପ୍ରଭାବିତ ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନପାଇଁ ସମୟ ନିର୍ଘଣ୍ଟ କରାଯାଇଛି । ଏହି ବିଧାନସଭା କ୍ଷେତ୍ରରେ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର୍ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ କମିଶନ୍‌ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବିଧାନସଭା ନିର୍ବାଚନ ପାଇଁ ୩୫୮ଟି ମତଦାନ କେନ୍ଦ୍ର କରାଯାଇଛି । ଯେଉଁ ବୁଥ୍‌ରେ ୧୨ ଶହରୁ ଅଧିକ ଭୋଟର୍ ଅଛନ୍ତି, ସେହି ସ୍ଥାନଗୁଡ଼ିକରେ ୫୬ଟି ଅତିରିକ୍ତ ବୁଥ୍ କରାଯାଇଛି ।

ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଭୋଟ୍ ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ସାମାଜିକ ଗଣମାଧ୍ୟମରେ କୌଣସି ପ୍ରକାର ବିଭ୍ରାନ୍ତିକର ସୂଚନା ଓ ଫଟୋର ପ୍ରଚାରରୁ ନିବୃତ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

PIB

## କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । କୃଷକମାନଙ୍କର ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ ଓ ଜୈବିକ କୃଷିକୁ ପ୍ରୋତ୍ସାହନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ ଅଂଶଗ୍ରହଣ କରିବେ । ଭୁବନେଶ୍ୱରର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ମାଣ୍ଡିଆ ଦିବସ ଉଦ୍‌ଘାଟନୀ ସଭାରେ ଶ୍ରୀ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ଓଡ଼ିଶା ସମେତ ସମଗ୍ର ଦେଶରେ ଶ୍ରୀଅନ୍ନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବ୍ୟବହାରକୁ ପ୍ରୋତ୍ସାହନ ଦେବାପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ସମ୍ବନ୍ଧରେ ଆଲୋଚନା ହେବ । ଶ୍ରୀ ଚୌହାନ ଓଡ଼ିଶା ଗସ୍ତ ସମୟରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତକରି ଚାଷଜମି ନିରୀକ୍ଷଣ କରିବା ସହ କୃଷକମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଅପରାହ୍ଣରେ ସେ କଟକର ବିଦ୍ୟାଧରପୁର

କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିବେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭରତା ମିଶନ ଓ ଜାତୀୟ ଜୈବିକ କୃଷି ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

CTC

## ମୁଖ୍ୟମନ୍ତ୍ରୀ-ସହାୟତା ଘୋଷଣା

କଟକ ବକ୍ସିବଜାର ଅଞ୍ଚଳରେ ଆପାର୍ଟମେଣ୍ଟ ବାଲକୋନୀ ଭୁଷୁଡ଼ି ୩ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଗୋଟିଏ ଦଳ ଗଠନ କରିଛନ୍ତି। କଟକ ମହାନଗର ନିଗମ କମିଶନର ଏବଂ କଟକ ଉନ୍ନୟନ ପ୍ରାଧିକରଣର ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଦଳ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ କହିଛନ୍ତି, ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଥିବା ଅସୁରକ୍ଷିତ କୋଠାଗୁଡ଼ିକୁ ଭଙ୍ଗା ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଶ୍ରୀ ଭାଉସାହେବ କହିଛନ୍ତି। ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

BBSR/R

## ମୁଖ୍ୟମନ୍ତ୍ରୀ- ବାଲେଶ୍ୱର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଗୁରୁବାର ୧୩ ତାରିଖରୁ ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିବେ। ଏହି ପଦଯାତ୍ରା ନୀଳଗିରିରୁ ମିତ୍ରପୁର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଦଯାତ୍ରା ସମୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନ ଏବଂ ଜାତୀୟ ଏକତା ସମ୍ବନ୍ଧିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୮ ତାରିଖରେ ଭୋଗରାଇର ଚନ୍ଦନେଶ୍ୱରଠାରେ ପଦଯାତ୍ରାର ଆୟୋଜନ କରାଯିବ। ସୂଚନା ଅନୁସାରେ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଗତ ମାସ ୩୧ ତାରିଖରୁ ଏକତା ପଦଯାତ୍ରା ଆରମ୍ଭ ହୋଇଛି।

Subarnpur

## ସାଇବର ଅପରାଧ ଜନସଚେତନତା

ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସାଇବର ଅପରାଧ ସମ୍ପର୍କିତ ଜନସଚେତନତା ର୍‍ୟାଲି ସହ ଏକ ସଭା ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ସାଇବର ଠକେଇ, ଅନଲାଇନ୍ ଅପରାଧ ସମ୍ପର୍କରେ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକଙ୍କ ନେତୃତ୍ୱରେ ଦେବୀ ସୁରେଶ୍ୱରୀଙ୍କ ଦ୍ୱାରରୁ ଆରମ୍ଭ ହୋଇଥିବା ର୍‍ୟାଲି ସହରର ବିଭିନ୍ନ ରାସ୍ତା ଦେଇ ରୟାଲ

ପଡ଼ିଆରେ ପହଞ୍ଚିଥିଲା । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବିଭିନ୍ନ ଅଧିକାରୀ ଓ ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

Desk

## ଜାତୀୟ ଆଇନ ସେବା ଦିବସ

ଦେଶରେ ଜନସାଧାରଣଙ୍କ ପାଇଁ ଆଇନ୍ ସେବା ଉପଲବ୍ଧ କରିବା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଆଇନ୍ ସେବା ଦିବସ ପାଳନ କରାଯାଉଛି । ଲୋକଙ୍କୁ ମାଗଣା ଆଇନ୍‌ସେବା ପ୍ରଦାନ ପାଇଁ ଆଇନ୍ ସେବା ପ୍ରାଧିକରଣର ପ୍ରତିଷ୍ଠା କରାଯାଇଛି । ୧୯୯୫ ମସିହା ଆଜିର ଦିନରେ ଜାତୀୟ ଆଇନ ସହାୟତା ଅଧିନିୟମ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଲାଗୁ ହୋଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଆଇନ୍‌ସେବା ଦିବସ ଭାବରେ ପାଳନ କରାଯାଉଛି ।

Boudh/Nabarangpur/Nayagarh

## ଆଇନସେବା ସଚେତନତା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜାତୀୟ ଆଇନସେବା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନସେବା ଦିବସ ଉପଲକ୍ଷେ ଜିଲ୍ଲା ଦୌରାଜଜ୍ ଅଦାଲତ ପରିସରରୁ ନୟାଗଡ଼ ମୁଖ୍ୟ ଟ୍ରାଫିକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ନୟାଗଡ଼ ଟ୍ରାଫିକ ପୋଷ୍ଟ ନିକଟରେ ‘ସମସ୍ତଙ୍କ ପାଇଁ ନ୍ୟାୟ’

ସମ୍ପର୍କରେ  ଏକ ପଥପ୍ରାନ୍ତ ନାଟକ ନ୍ୟାୟ ଅଧିକାର ମିତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ୍ ତଥା ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରପତି, ଆଇନଜୀବୀ, ଛାତ୍ରଛାତ୍ରୀ, ନ୍ୟାୟ ଅଧିକାର ମିତ୍ର ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ବିଶେଷତ୍ୱ ଉପରେ ମତ ଉପସ୍ଥାପନ କରିଥିଲେ ।

ନବରଙ୍ଗପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦିବସର ମହତ୍ତ୍ୱ ଓ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରିଥିଲେ ।

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତାଳସରଡ଼ାଠାରେ ଜାତୀୟ ଆଇନସେବା ପ୍ରାଧିକରଣ ଦିବସ ପାଳନ ଅବସରରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା । ଜିଲ୍ଲା ନ୍ୟାୟାଳୟ ମୁଖ୍ୟ ବିଚାରପତି ନିରଞ୍ଜନ ପାତ୍ର ଏହି ପଦଯାତ୍ରାରେ ଅଂଶଗ୍ରହଣ କରି ଆଇନସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ ।

Desk

## ଜାତୀୟ ପ୍ରେସ୍ ଦିବସ

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆସନ୍ତା ୧୬ ତାରିଖ ଦିନ ଜାତୀୟ ପ୍ରେସ୍ ଦିବସ - ୨୦୨୫ ପାଳନ କରାଯିବ । ଜାତୀୟ ସାମାଜିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ

ତଥା ଲୋକସେବା ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଳବ୍ୟଙ୍କ ପୌରାଧ୍ୟକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ, ପ୍ରଶାସକ ଓ ବରିଷ୍ଠ ସାମ୍ବାଦିକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଜ୍ୟର ୩୫ ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ୍ ଏବଂ ୮ ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ବିଭିନ୍ନ ସମ୍ବାଦପତ୍ରର ୭ ଜଣ ସମ୍ପାଦକଙ୍କୁ ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯିବ ବୋଲି ବୋର୍ଡର ସଭାପତି କହିଛନ୍ତି।

Desk

# ବାଲିଯାତ୍ରା-ଟ୍ରାଫିକ କଟକଣା

ଐତିହାସିକ ବାଲିଯାତ୍ରା କଟକରେ ଆଜି ରବିବାର ହୋଇଥିବାରୁ ଲୋକଙ୍କର ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ କଟକଣା କଡାକଡି କରାଯାଇଛି । ଏହାସହ ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଶୀତ

ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନ ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ଏହା ଫଳରେ ଶୀତର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୧୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।

***Ganjam/R (Repeat)***

# ସାଂସଦ ଖେଳ ମହୋତ୍ସବ

ଗଞ୍ଜାମ ଜିଲ୍ଲାରେ ଆସନ୍ତା ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ 'ସାଂସଦ ଖେଳ ମହୋତ୍ସବ' ଆୟୋଜନ କରାଯିବ । ପ୍ରତ୍ୟେକ ବ୍ଲକ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କନିଷ୍ଠ ଓ ବରିଷ୍ଠ ୨ଟି ବର୍ଗରେ କ୍ରୀଡ଼ା ପ୍ରତିଯୋଗିତା ହେବ । ୧୨ରୁ ୧୬ ବର୍ଷର ପିଲାମାନେ କନିଷ୍ଠ ବର୍ଗରେ ଓ ୧୬ରୁ ୨୪ ବର୍ଷ ବୟସ୍କମାନେ ବରିଷ୍ଠ ବର୍ଗରେ ଭାଗ ନେଇପାରିବେ । ଏଥିନିମନ୍ତେ ଆସନ୍ତକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଇଚ୍ଛୁକ ପ୍ରତିଯୋଗୀମାନେ ସେମାନଙ୍କର ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକରଣ କରିପାରିବେ ।